# ମନୋହରପୁରରେ ଓପିଜିସିର ସ୍ୱାସ୍ଥ୍ୟ ଶିବିର



ଇବ୍‌ଥର୍ମାଲ,୪।୧୨(ଇମିସ): ଓପିଜିସି ପରିଚାଳିତ ଇବ୍‌ଥର୍ମାଲ ଚିକିତ୍ସାଳୟ ପକ୍ଷରୁ ଗତ ୧ ତାରିଖ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମନୋହରପୁର ଗାଁ ୟୁପି ସ୍କୁଲ୍‌ରେ ଅନୁଷ୍ଠିତ ଏହି ଶିବିରରେ ମନୋହରପୁର, ଡୁଲିଂଗା, ସାନଘୁମୁରା ଏବଂ ଆଖପାଖ ଅଂଚଳର ୧୭୦ ଜଣ ପଞ୍ଜିକୃତ ମହିଳା ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଇବ୍‌ଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟଲାଲ ବିଶ୍ୱାଳ, ଅନ୍ୟତମ ଚିକିତ୍ସକ ଡା. ସଂଗୀତା ପଣ୍ଡାଙ୍କ ସମେତ ଆମନ୍ତ୍ରିତ ବିଶେଷଜ୍ଞ ଡା. ବିକେ ପଟ୍ଟନାୟକ, ଡା. ଅନୁସୟା ଦାଶ, ଡା. ମିନାକ୍ଷୀ ପ୍ରଧାନ, ଡା. ଏମ୍‌ଏମ୍ ପଣ୍ଡା ପ୍ରମୁଖ ରୋଗୀଙ୍କ ପରୀକ୍ଷା କରିବା ପରେ ଔଷଧ ବଣ୍ଟନ କରାଯାଇଥିଲା। ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦାମୋଦର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଇବ୍‌ଥର୍ମାଲ ମହିଳା କ୍ଲବ୍‌ର ସବିତା ନାୟକ, ରିତାରାଣୀ ସାହୁ, ସାଗରିକା ସା, ଶର୍ମିଷ୍ଠା ସାହୁ, ନିଳିମା ସାହ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।